## ସଂକ୍ଷେପରେ

### ଭାଜପା ଏମ୍‌ପି ପ୍ରାର୍ଥୀଙ୍କ କର୍ମୀ ସମାବେଶ

ଆର.ଉଦୟଗିରି, ୩୧।୩ (ମନୋଜ କୁମାର ପାଢୀ)

ବ୍ରହ୍ମପୁର ଭାଜପା ଏମପି ପ୍ରାର୍ଥୀ ଡ. ପ୍ରଦୀପ କୁମାର ପାଣିଗ୍ରାହୀଙ୍କୁ ଆର.ଉଦୟଗିରି ଠାରେ ସମ୍ବର୍ଦ୍ଧନା ଦିଆଯାଇଛି। ପରେ ଶିବ ମନ୍ଦିର ନିକଟସ୍ଥ କଲ୍ୟାଣ ମଣ୍ଡପଠାରେ ଦଳୀୟ କର୍ମୀ ସମାବେଶରେ ଯୋଗଦେଇ ତୃଣମୂଳ ସ୍ତରରୁ ଦଳକୁ ସୁଦୃଢ କରିବାକୁ କହିଥିଲେ। ଏହି ଅବସରରେ 'ମୋ ବୁଥ ମୋର ହେବ' ବୋଲି ସମସ୍ତେ ସଂକଳ୍ପ ନେଇଥିଲେ। ତାଙ୍କର ଏହି ଗସ୍ତରେ ରାଜ୍ୟ ଭାଜପା ସମ୍ପାଦକ ଶାରଦା ପ୍ରସାଦ ନାୟକ, ସରୋଜ ସାବତ, ପୂର୍ବତନ ମୋହନା ବିଧାୟକ ଚକ୍ରଧର ପାଇକ ଉପସ୍ଥିତ ଥିଲେ। ଏହି ବୈଠକରେ ଶତାଧିକ ଭାଜପା କର୍ମୀ ଉପସ୍ଥିତ ଥିଲେ। କାମଦେବ ବଡ଼ନାୟକ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ।

### ଖେମୁଣ୍ଡି କଲେଜ ଅଧ୍ୟକ୍ଷଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଦିଗପହଣ୍ଡି,୩୧।୩(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ସ୍ଥିତ ଖେମୁଣ୍ଡି କଲେଜ ଅଧ୍ୟକ୍ଷ ଅନୁପ କୁମାର ମିଶ୍ରଙ୍କ ଅବସର ଗ୍ରହଣ ପରିପ୍ରେକ୍ଷୀରେ ରବିବାର ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ ପ୍ରାଧ୍ୟାପକ ଡ. ଅସିତ କୁମାର ଷଡ଼ଙ୍ଗୀ ସଭାପତିତ୍ୱ କରିଥିଲେ। କଲେଜ ପରିଚାଳନା କମିଟି ସଭାନେତ୍ରୀ ଡ.ସନ୍ଧ୍ୟାରାଣୀ ଦାସ, ଉଚ୍ଚଶିକ୍ଷା ଆଞ୍ଚଳିକ ନିର୍ଦ୍ଦେଶକ ସିଦ୍ଧାର୍ଥ ଶଙ୍କର ପାଢ଼ୀ, ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ସୁଶାନ୍ତ କୁମାର ଦାସ, ଉଚ୍ଚ ଶିକ୍ଷା ବିଭାଗର ଉପ ସଚିବ ଡ.କୁଳମଣି ଓଝା, ସେକ୍ସନ ଅଫିସର କିଶୋର ଚନ୍ଦ୍ର ପଣ୍ଡା, ଖେମୁଣ୍ଡି ଓକିଲ ସଂଘର ସଭାପତି ତଥା ଆଲୁମିନି ସମ୍ପାଦକ ହରପ୍ରସାଦ ରଥ, କମିଟି ସଦସ୍ୟ ପ୍ରଶାନ୍ତ କୁମାର ପାଣିଗ୍ରାହୀ, ବରିଷ୍ଠ ଅଧ୍ୟାପକ ଭବାନୀ ଶଙ୍କର ପାଣିଗ୍ରାହୀଙ୍କ ସମେତ ବହୁ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ଏଥିରେ ଉପସ୍ଥିତ ରହି କଲେଜର ସାମଗ୍ରିକ ବିକାଶ ଦିଗରେ ଅଧ୍ୟକ୍ଷଙ୍କ ଉଲ୍ଲେଖନୀୟ ଅବଦାନ ଉପରେ ଆଲୋକପାତ କରିବା ସହ ତାଙ୍କ ସୁସ୍ଥ ଓ ନିରାମୟ ଭବିଷ୍ୟତ କାମନା କରିଥିଲେ। ପ୍ରାରମ୍ଭରେ ଅଧ୍ୟାପକ ପ୍ରଭଞ୍ଜନ ପଣ୍ଡା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଶେଷରେ କର୍ମଚାରୀ ଦେବବ୍ରତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଲକ୍ଷାଧିକ ଟଙ୍କାର ଶାଗୁଆନ କାଠ ଜବତ

ପାରଳାଖେମୁଣ୍ଡି, ୩୧।୩ (ଗିରିଧାରୀ ପରିଛା)

ଗାରାବନ୍ଧ ସେକ୍ସନ ଅନ୍ତର୍ଗତ ବୁରୁଝୁଲି ଗ୍ରାମରେ ବେଆଇନ ଶାଗୁଆନ କାଠ ଥିବା ଜାଣି ମହେନ୍ଦ୍ର ବନାଞ୍ଚଳ ଅଧିକାରୀ ଅମିତ ଶୁଭ୍ରଜିତ ଚଢ଼ାଉ କରିଥିଲେ। ବନଖଣ୍ଡ ଅଧିକାରୀ ଏସ.ଏସ ଆନନ୍ଦଙ୍କ ନିର୍ଦ୍ଦେଶ କ୍ରମେ ସହକାରୀ ବନସଂରକ୍ଷକ ଅରୁଣ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଗାରାବନ୍ଧ ପୋଲିସ ଓ ମହେନ୍ଦ୍ର ବନାଞ୍ଚଳର କର୍ମଚାରୀଙ୍କ ସହ ମିଶି ବୁରୁଝୁଲି ଗ୍ରାମର ସୀମାଦ୍ରି ଶବରଙ୍କ ଘର ବାଡ଼ି ପଟେ ଥିବା ଏକ ବେଆଇନ କରତ କଳରେ ଚଢ଼ାଉ କରି ଲକ୍ଷାଧିକ ଟଙ୍କାର ବେଆଇନ ଶାଗୁଆନ କାଠ ଜବତ କରିଥିଲେ। ଏହି ଚଢ଼ାଉ ସମୟରେ ୬୭ଟି, କଷି ସାଇଜ ୧୨ଟି, କାଠ କାଟିବା ମେସିନ, ସ୍ପ୍ରେ ମେସିନ ଜବତ କରାଯାଇଛି।

### ଅଧ୍ୟକ୍ଷଙ୍କୁ ବିଦାୟ ସମ୍ବର୍ଦ୍ଧନା

ପୋଲସରା,୩୧।୩(ସୁବ୍ରତ ବେହେରା)

ପୋଲସରା ବିଜ୍ଞାନ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ଯୁକ୍ତ ୩ର ଛାତ୍ରୀଛାତ୍ରମାନଙ୍କ ଶେଷ ବର୍ଷରେ ପୋଲସରା ଶ୍ରୀ ରାମେଶ୍ୱର ମନ୍ଦିର ପ୍ରାଙ୍ଗଣ ପରିସରରେ ଏକ ବିଦାୟ କାଳିନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ କଲେଜର ଅଧ୍ୟକ୍ଷମାନେ ଉପସ୍ଥିତ ଥିଲେ। ପୂର୍ବତନ ଅଧ୍ୟକ୍ଷ ବନମାଳୀ ବେହେରା, ରାଜନୀତି ବିଜ୍ଞାନ ମୁଖ୍ୟ କିଶୋର ଚନ୍ଦ୍ର ଜେନା, ଅନିଲ କୁମାର ଗୌଡ଼, ଭାରତୀ ଗୌଡ଼, ଜିତେନ୍ଦ୍ର ମଲିକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରାଜନୀତି ବିଜ୍ଞାନ ଶେଷ ବର୍ଷ ଛାତ୍ର ଶଙ୍କର୍ଷଣ ପ୍ରଧାନ ବିଦାୟକାଳୀନ ଅବସରରେ ନିଜର ମତାମତ ଦେଇଥିଲେ। ତତ୍ ସହିତ ପ୍ରିୟଙ୍କା ପ୍ରଧାନ, ଜ୍ୟୋର୍ତିମୟୀ ରାଉତ, ଚନ୍ଦନ ପ୍ରଧାନ, କାହ୍ନୁ ପରିଡ଼ା, ଦୀପକ ବେହେରା, ରାକେଶ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଶୁଖିଲା ପଡ଼ିଛି ଋଷିକୁଲ୍ୟା

ଧରାକୋଟ,୩୧।୩ (ବିଷ୍ଣୁକେଶରୀ ଆଚାର୍ଯ୍ୟ)



ପୁଣ୍ୟତୋୟା ଋଷିକୁଲ୍ୟା ନଦୀ ଗଞ୍ଜାମ ଜିଲାର ଜୀବନ ରେଖା ଭାବେ ପରିଚିତ। ଧାର୍ମିକ ଓ ଆଧ୍ୟାତ୍ମିକ ଭାବନା ସହ ଏହି ନଦୀ ଯେତିକି ଜଡ଼ିତ, ପିଇବା ପାଣି ସହ ଜିଲାର ଜଳ ସେଚନ ବ୍ୟବସ୍ଥା ପାଇଁ ମଧ୍ୟ ଏହା ସେତିକି ଗୁରୁତ୍ୱପୂର୍ଣ୍ଣ। କନ୍ଧମାଳ ଜିଲାର ଋଷୀମାଳ ପର୍ବତରୁ ବାହାରି ଏହା ଗଞ୍ଜାମ ଜିଲାରେ ପ୍ରବାହିତ ହୋଇ ବଙ୍ଗୋପ ସାଗରରେ ମିଶିଛି। ଏହା ଉପରେ ଧରାକୋଟ ନିକଟସ୍ଥ ଜାନବିଲିଠାରେ ବ୍ରିଟିଶମାନଙ୍କ ଅମଳରୁ ୧୮୯୧ ମସିହାରେ ନିର୍ମାଣ କରାଯାଇଥିବା ଆନିକଟ ଦ୍ୱାରା ଜିଲାର ଶତାଧିକ ହେକ୍ଟର ଜମିରେ ଜଳସେଚନ ହେଉଥିବା ବେଳେ ବ୍ରହ୍ମପୁର ସହର ସମେତ ସଂଖ୍ୟାଧିକ ଗ୍ରାମର ଲୋକେ ଏହି ନଦୀ ଉପରେ ପିଇବା ପାଣି ପାଇଁ ନିର୍ଭର କରନ୍ତି। ଏପରିକି କେତେକ ଶିଳ୍ପ ସଂସ୍ଥା ମଧ୍ୟ ଏହି ନଦୀର ପାଣି ବ୍ୟବହାର କରୁଛନ୍ତି। ଚିରସ୍ରୋତା ଋଷିକୂଲ୍ୟା ନଦୀ ଏବେ ଶୁଖିଲା ପଡ଼ିଛି। ଅଭାବୀ ବର୍ଷା ସାଙ୍ଗକୁ ଜଳବାୟୁରେ ଅସ୍ୱାଭାବିକ ପରିବର୍ତ୍ତନ ଯୋଗୁଁ ଖରାର ପ୍ରକୋପ ଦିନକୁ ଦିନ ବଢୁଥିବା ବେଳେ ଜଳସ୍ତର ନିମ୍ନଗାମୀ ହେଉଛି। ବିଭିନ୍ନ ଧାର୍ମିକ କାର୍ଯ୍ୟ ଓ ପରମ୍ପରା ସହ ମଧ୍ୟ ଏହି ନଦୀ ଜଡ଼ିତ। ମନ୍ଦିର ପ୍ରତିଷ୍ଠା, ଯଜ୍ଞ, ବାରୁଣୀ ସ୍ନାନ, ସକ୍ରାନ୍ତି ସ୍ନାନ ପାଇଁ ଏହି ନଦୀର ଜଳ ବ୍ୟବହାର ହୁଏ। ଆସନ୍ତା ୬ ତାରିଖ ଶନିବାର ପବିତ୍ର ବାରୁଣୀ ସ୍ନାନ। ଏହି ନଦୀ ତଟରେ ଥିବା ଆସିକା, ପୁରୁଷୋତ୍ତମପୁର ଓ ପ୍ରତାପୁରରେ ଥିବା ଘାଟରେ ଶ୍ରଦ୍ଧାଳୁମାନେ ବୁଡ଼ ପକାଇ ବାରୁଣୀ ସ୍ନାନ କରିଥାନ୍ତି। କିନ୍ତୁ ପାଣି ନଥିବା ଯୋଗୁଁ ଚଳିତ ବର୍ଷ ସ୍ନାନ ବାଧାପ୍ରାପ୍ତ ହେବା ନିଶ୍ଚିତ। ନଦୀ ଶୁଖିଲା ପଡ଼ିଥିବା ଯୋଗୁ ନଇକୂଳିଆ ଗାଁଗୁଡ଼ିକର ପିଇବା ପାଣି ସମସ୍ୟା ଦିନକୁ ଦିନ ବଢୁଥିବା ଦେଖାଯାଉଛି। ନଦୀରେ ମାତ୍ର ଗୋଟିଏ ଧାର ପାଣି ଯାଉଥିବା ଯୋଗୁଁ ଜଳଯୋଗାଣ ପ୍ରକଳ୍ପଗୁଡ଼ିକର ଇନ୍‌ଟେକ ୱେଲରେ ପର୍ଯ୍ୟାପ୍ତ ପାଣି ଗଚ୍ଛିତ ହୋଇପାରୁନାହିଁ। ଅନ୍ୟପଟରେ ଗାଁ ଗାଁରେ କୂଅ, ପୋଖରୀ ଶୁଖିଲା ପଡ଼ିଛି। ଆସନ୍ତା ଦୁଇମାସ ଖରାର ପ୍ରକୋପ ବଢିବ ବୋଲି ପାଣିପାଗ ବିଭାଗ ତରଫରୁ ସୂଚନା ମିଳିଲାଣି। ଏହା ମଧ୍ୟରେ ରାଜ୍ୟ ସରକାରଙ୍କ ତରଫରୁ ସୋରଡ଼ା ନିକଟସ୍ଥ ପିପଳପଙ୍କା, ଧରାକୋଟ ନିକଟସ୍ଥ ଜାନବିଲି ଓ ଛତ୍ରପୁର ନିକଟସ୍ଥ କଂସାରୀଗଣ୍ଡଠାରେ ନୂତନ ବ୍ୟାରେଜ ନିର୍ମାଣ କରାଯାଇ ଜଳ ସଂରକ୍ଷଣ ବ୍ୟବସ୍ଥା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହାଦ୍ୱାରା ଋଷିକୁଲ୍ୟା ନଦୀର ଜଳକୁ ନିୟନ୍ତ୍ରଣରେ ରଖାଯାଇ ପିଇବା ପାଣି, ଜଳସେଚନ ଓ ଧାର୍ମିକ କାର୍ଯ୍ୟ ପାଇଁ ବ୍ୟବହାର କରାଯାଇପାରିବ। ଏଣୁ ଭଞ୍ଜନଗର ଜଳସେଚନ ବିଭାଗ ତରଫରୁ ଏହାର ସ୍ଥାୟୀ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଅବସର ଦିନ ପେନ୍‌ସନ୍ ପ୍ରଦାନ

## ନୂତନ କେନ୍ଦ୍ରୀୟ ବନାଞ୍ଚଳ ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ



କୁମରଙ୍କୁ ଡିଏଫ୍‌ଓ ପେନସନ୍ କାଗଜପତ୍ର ପ୍ରଦାନ କରୁଛନ୍ତି ।

ଭଞ୍ଜନଗର,୩୧।୩(ବାବୁଲା ପ୍ରଧାନ)

ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ କେନ୍ଦ୍ରୀୟ ବନାଞ୍ଚଳ ଅଧିକାରୀ କୁମର ବେହେରା ରବିବାର ଚାକିରିରୁ ଅବସର ନେଇଛନ୍ତି । ଏହି ଅବସରରେ ସକାଳେ ଲାଲସିଂ ନର୍ସରୀ ପରିସରରେ ଏକ ବିଦାୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିସହ ତାଙ୍କୁ ଆଜି ହିଁ ପେନସନ୍ କାଗଜପତ୍ର ପ୍ରଦାନ କରାଯାଇଥିଲା। ନୂତନ ରେଞ୍ଜର ଭାବେ ପୃଥ୍ୱୀରାଜ ପ୍ରଧାନ କାର୍ଯ୍ୟରେ ଯୋଗ ଦେଇଛନ୍ତି। ତାଙ୍କୁ ମଧ୍ୟ ସ୍ୱାଗତ କରାଯାଇଥିଲା। ଆୟୋଜିତ ସଭାରେ ଡ଼ିଏଫଓ ହିମାଂଶୁ ଶେଖର ମହାନ୍ତି, ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ବିନୋଦ ଆଚାର୍ଯ୍ୟ,ଏସିଏଫ୍ ସୁବ୍ରତ ମିଶ୍ର, ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ କୃତିବାସ ବିଶ୍ୱାଳ, ଡ଼. ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ଓଡ଼ିଶା ଅଣଗେଜେଟେଡ଼ ବନ ସେବା ସଂଘର ପୂର୍ବତନ ରାଜ୍ୟ ସଭାପତି ଅଶୋକ ହୋତା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ରେଞ୍ଜର ଅନୁପମ ବାନାର୍ଜି ଧନ୍ୟବାଦ ପ୍ରଦାନ କରିଥିଲେ ।

# ଭାଜପାର ମିଶ୍ରଣ ପର୍ବ



ଭାଜପାରେ ସାମିଲ ହୋଇଥିବା ଯୁବକ।

ବୁଗୁଡ଼ା,୩୧।୩(କାଳିଚରଣ ଦାଶ)

ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଘୁମୁସର ସାଙ୍ଗଠନିକ ଜିଲା ଭାଜପା ସଭାପତି ଗୋକୁଳାନନ୍ଦ ମଲିକଙ୍କ ନେତୃତ୍ୱରେ ବହୁ ଯୁବ ଗୋଷ୍ଠୀ ସେମାନଙ୍କର ଶତାଧିକ ସମର୍ଥକଙ୍କ ସହ ଭାଜପାରେ ଯୋଗ ଦେଇଛନ୍ତି। ବୁଧବାର ବୁଗୁଡ଼ା ବ୍ଲକ ଅନ୍ତର୍ଗତ ଗୋଳିଆ ପଞ୍ଚାୟତରେ ୧୦ ଜଣ ଯୁବକ, ଶନିବାର ବିରଞ୍ଚିପୁର ପଞ୍ଚାୟତରେ ୭ ଜଣ ଯୁବକ, ସ୍ଥାନୀୟ ଏନ୍‌ଏସିର ୪ ନଂ. ୱାର୍ଡର ୧୦ ଜଣ ଯୁବକ ଓ ରବିବାର ଏନ୍‌ଏସି ଅନ୍ତର୍ଗତ କାଦପଡାର ୧୧ ଜଣ ଯୁବକ ସେମାନଙ୍କ ବହୁ ସମର୍ଥକଙ୍କ ସହ ବୁଗୁଡ଼ାସ୍ଥିତ ଭାଜପା କାର୍ଯ୍ୟାଳୟରେ ଭାଜପା ଦଳରେ ସାମିଲ ହୋଇଥିଲେ। ସେମାନଙ୍କୁ ଦଳ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ନଗର ଭାଜପା ସଭାପତି କେଦାର ମହାରଣା, କୃଷ୍ଣଚନ୍ଦ୍ର ମହାପାତ୍ର, ହର ପ୍ରସାଦ ଦାଶଙ୍କ ସମେତ ଭାଜପାର କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ରମ୍ଭା ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ରମ୍ଭା,୩୧।୩(ବନବାସୀ ସେଠୀ)

ରମ୍ଭା ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ପରିସରରେ କନିଷ୍ଠ ଯନ୍ତ୍ରୀ ସତ୍ୟ ନାରାୟଣ ବିଷୋୟୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନିର୍ବାହୀ ଯନ୍ତ୍ରୀ ପ୍ରଦୀପ୍ତ କୁମାର ଶତପଥୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଗଞ୍ଜାମ ରାସ୍ତା ଓ କୋଠାବାଡ଼ି ବିଭାଜନ ନଂ.୨ ବ୍ରହ୍ମପୁର ଅଧୀକ୍ଷଣ ଯନ୍ତ୍ରୀ ସତ୍ୟବାନ ପଟେଲ, ସମ୍ମାନିତ ଅତିଥି ନିର୍ବାହୀ ଯନ୍ତ୍ରୀ ଜି. ରାଜଗୋପଳ, ନିର୍ବାହୀ ଯନ୍ତ୍ରୀ ନାରାୟଣ ପାଢ଼ୀ, ନିର୍ମଳ ନାୟକ ଯୋଗ ଦେଇଥିବା ବେଳେ ବ୍ରହ୍ମପୁର ପୂର୍ତ୍ତ ବିଭାଗ ନଂ.୨ ଅଧୀନ ସମସ୍ତ ଯନ୍ତ୍ରୀ ଓ କର୍ମଚାରୀ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ସଭାରେ ସହକାରୀ ନିର୍ବାହୀ ଯନ୍ତ୍ରୀ, ଛତ୍ରପୁର ମଳୟ ସାହୁଙ୍କୁ ରମ୍ଭା ପୂର୍ତ୍ତ ବିଭାଗର ଦାୟିତ୍ୱ ହସ୍ତାନ୍ତର ହୋଇଥିବା ଖବର ମିଳିଛି। କାର୍ଯ୍ୟକ୍ରମକୁ ରମ୍ଭା ପୂର୍ତ୍ତ ବିଭାଗ କୋଷାଧ୍ୟକ୍ଷ ରଘୁନାଥ ମହାପାତ୍ର, ପଞ୍ଚାନନ ଖଟୁଆ, ଅରୁଣ ବାରିକ, କିଶୋର ଚନ୍ଦ୍ର ଘୋଷ, ବିପିନ ଗୌଡ଼ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ନବନିର୍ମାଣ କୃଷକ ସଂଗଠନର ସମାବେଶ



କୃଷକ ସଂଘର ସଦସ୍ୟମାନେ ଶୋଭାଯାତ୍ରାରେ ଯାଉଛନ୍ତି।

ଆର.ଉଦୟଗିରି, ୩୧।୩(ମନୋଜ କୁମାର ପାଢୀ)

ଆର,ଉଦୟଗିରି ଶିବ ମନ୍ଦିର ନିକଟତମ ପଡିଆରେ ଶନିବାର ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ସରକାରଙ୍କ ଚାଷୀ ବିରୋଧୀ ନୀତି ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଧାନ କୁଇଣ୍ଟାଲ ପିଛା ୩ ହଜାର ୪୦୦ ଟଙ୍କା, ବାର୍ଦ୍ଧକ୍ୟ, ବିକଳାଙ୍ଗ ଓ ବିଧବା ଭତ୍ତା ୩ ହଜାରକୁ ବୃଦ୍ଧି, ପ୍ରତି ପଞ୍ଚାୟତରେ ମକା, ମାଣ୍ଡିଆ ଓ କପାର ସ୍ଥାୟୀ ମଣ୍ଡି ନିର୍ମାଣ, ଚାଷୀଙ୍କ ପ୍ରତ୍ୟେକ ପରିବାରକୁ ମାସିକ ସୁରକ୍ଷା ଭତ୍ତା ୫ ହଜାର, କାଜୁ, ସପୁରୀ,ଆମ୍ବ ଓ ପଣସର ପ୍ରକ୍ରିୟା କାରଣ ଶିଳ୍ପ ନିର୍ମାଣ, ମଦମୁକ୍ତ ଓଡିଶା ଗଠନ ଓ ଶିକ୍ଷା ସ୍ୱାସ୍ଥ୍ୟର ଗ୍ୟାରେଣ୍ଟି ଦାବି କରି ଅଞ୍ଚଳର ଶତାଧିକ ମହିଳା ଓ ପୁରୁଷ ଚାଷୀ ବିଶାଳ ରାଲିକରି ଗ୍ରାମ ପରିକ୍ରମା କରିଥିଲେ।

# ବିଜେଡିର ସାଙ୍ଗଠନିକ ବୈଠକ




ବୁଗୁଡ଼ା,୩୧।୩(କାଳିଚରଣ ଦାଶ)

ସାଧାରଣ ନିର୍ବାଚନର ପଞ୍ଚମ ପର୍ଯ୍ୟାୟ ତଥା ମେ ୨୦ ତାରିଖରେ ଆସିକା ଲୋକସଭା ସଂସଦୀୟ କ୍ଷେତ୍ର ଏବଂ ଏହା ଅଧିନ ବିଧାନସଭା ନିର୍ବାଚନ ମଣ୍ଡଳୀ ଗୁଡ଼ିକରେ ମତଦାନ ହେବାକୁ ଯାଉଥିବା ବେଳେ ପୋଲସରା ନିର୍ବାଚନ ମଣ୍ଡଳୀର ବିଜେଡି ପ୍ରାର୍ଥୀ ଭାବେ ଶ୍ରୀକାନ୍ତ ସାହୁଙ୍କ ନାମ ପ୍ରଥମ ପର୍ଯ୍ୟାୟରେ ବିଜେଡି ସୁପ୍ରିମୋଙ୍କ ଦ୍ୱାରା ଘୋଷଣା ହେବା ପରେ କର୍ମୀଙ୍କ ମହଲରେ ଖୁସିର ଲହରୀ ଖେଳିଯାଇଛି। ଏଥର ବିଜୟ ହୋଇ ହ୍ୟାଟ୍ରିକ୍ ମାରିବା ଲକ୍ଷ୍ୟରେ ଥିବା ଶ୍ରୀକାନ୍ତ ସାହୁଙ୍କ ହାତମୁଠାକୁ ଟାଣ କରିବା ପାଇଁ ରବିବାର ସ୍ଥାନୀୟ ବିରଞ୍ଚି ନାରାୟଣ କଲ୍ୟାଣ ମଣ୍ଡପ ପରିସରରେ ବ୍ଲକ ବିଜେଡି ସଭାପତି ମଦନ ଗୋପାଳ ଦୋରାଙ୍କ ପୌରହିତ୍ୟରେ ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ବ୍ଲକ ଉପାଧ୍ୟକ୍ଷ ମାନସ ରଞ୍ଜନ ପ୍ରଧାନ, ଏନ୍‌ଏସି ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନ ଓ ଉପାଧ୍ୟକ୍ଷା ଗିତାଞ୍ଜଳୀ ପାଢୀ, ନଗର ବିଜେଡି ସଭାପତି କେ.ତ୍ରିଲୋଚନ ଦୋରା, ସୁଧାଂଶୁ ଶେଖର ପାଢୀ, କେ. ନୀଳମାଧବ ଆଚାରୀ ପ୍ରମୁଖଙ୍କ ସମେତ ବହୁ ସଂଖ୍ୟକ ଦଳୀୟ କର୍ମକର୍ତ୍ତା ଏବଂ କର୍ମୀ ଯୋଗ ଦେଇଥିଲେ।

### ଗଛରେ ଫାଶୀ ଲଗାଇ ଯୁବକଙ୍କ ଆତ୍ମହତ୍ୟା

ପୁରୁଷୋତ୍ତମପୁର,୩୧।୩ (ସୀମାଞ୍ଚଳ ମିଶ୍ର)

ପୁରୁଷୋତ୍ତମପୁର ସହର ଉପକଣ୍ଠ ସରସ୍ୱତୀ ଶିଶୁ ମନ୍ଦିର ନିକଟରେ ରବିବାର ଏକ ଗଛରେ ଫାଶୀ ଲଗାଇ ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ବେଗୁନିଆପଡ଼ା ଥାନା ଅନ୍ତର୍ଗତ ଚନ୍ଦନପୁର ଗ୍ରାମର ଅଶୋକ ପ୍ରଧାନ(୩୫)। ପୁରୁଷୋତ୍ତମପୁର ପୋଲିସ ଘଟଣାସ୍ଥଳକୁ ଯାଇ ମୃତଦେହକୁ ଜବତ କରି ସ୍ଥାନୀୟ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିବା ସହ ତାଙ୍କ ପରିବାର ଲୋକଙ୍କୁ ଡକାଇ ତଦନ୍ତ ଚଳାଇଛନ୍ତି। ସୋମବାର ମୃତଦେହ ବ୍ୟବଚ୍ଛେଦ କରାଯିବ। ଏନେଇ ଅପମୃତ୍ୟୁ ମାମଲା ନଂ. ୨/୨୪ରେ ରୁଜୁ କରାଯାଇଛି।

# ଆଦର୍ଶ ଶିକ୍ଷକଙ୍କୁ ଅବସର ସମ୍ବର୍ଦ୍ଧନା



କବିସୂର୍ଯ୍ୟନଗର, ୩୧।୩ (କୃପାସିନ୍ଧୁ ସ୍ୱାଇଁ)

ସ୍ଥାନୀୟ ପୂର୍ବତନ ବୋର୍ଡ ବାଳକ ପ୍ରାଥମିକ ବିଦ୍ୟାଳୟ ପରିସରରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଭିମନ୍ୟୁ ସାହୁଙ୍କ ସଭାପତିତ୍ୱରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନୀଳକଣ୍ଠ ଚୌଧୁରୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ରବିବାର ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବି ନାରାୟଣ ବେହେରା ଏବଂ ବହୁ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷକ ସୀମାଞ୍ଚଳ ପାଣି, ପ୍ରଶାନ୍ତ କୁମାର ପାଣିଗ୍ରାହୀ, ପ୍ରଦୀପ କୁମାର ନାୟକ, ଅଶୋକ କୁମାର ସ୍ୱାଇଁ, ରମେଶ ଚନ୍ଦ୍ର ଦାସ, ଲିଙ୍ଗରାଜ ବେହେରା, ନମିତା ପଟ୍ଟନାୟକ, ଅଶୋକ କୁମାର ତ୍ରିପାଠୀ, ଜସ୍ମିତା ବେହେରା, ସେବା ନିବୃତ ପ୍ରଧାନ ଶିକ୍ଷକ ରୁଦ୍ର ପ୍ରସାଦ ଶତପଥୀ, କାଦମ୍ବରି ମାଝୀ, ସଂଯୁକ୍ତା ବିଷୋୟୀ ଏବଂ ଅଙ୍ଗନୱାଡ଼ି କର୍ମୀ, ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ଉକ୍ତ ସଭାକୁ ଶିକ୍ଷକ ବିଦେଶୀ ଗୌଡ଼, ମାମିନୀ ବିଷୋୟୀ ଓ ସୋନିଆ ମହାରଣା ପରିଚାଳନା କରିଥିଲେ। ଦିବାକର ଶତପଥୀ ସମସ୍ତ କାର୍ଯ୍ୟକ୍ରମର ସୁପରିଚାଳନା କରିଥିଲେ।

# କେ. ସୁରିଆ ରାଓ ନାଟକ କରୁଛନ୍ତି: କଂଗ୍ରେସ

ପାରଳାଖେମୁଣ୍ଡି, ୩୧।୩ (ଗିରିଧାରୀ ପରିଛା)

ପାରଳାଖେମୁଣ୍ଡିର ପୂର୍ବତନ ବିଧାୟକ କେ. ସୁରିଆ ରାଓ ବିଜେଡିରେ ସାମିଲ ହୋଇଛନ୍ତି। ସେ ତାଙ୍କ ମିଶ୍ରଣ ସମୟରେ କଂଗ୍ରେସ ଛାଡି ବିଜେଡିରେ ସାମିଲ ହୋଇଥିବା କହିଥିଲେ। ତେବେ କଂଗ୍ରେସ ପକ୍ଷରୁ ଆମେ ଜଣାଇ ଦେବାକୁ ଚାହୁଁଛୁ ଯେ, ଶ୍ରୀ ରାଓ ୨୦୧୪ରେ କଂଗ୍ରେସ ଟିକଟରେ ବିଧାୟକ ହୋଇଥିଲେ। ଏହା ପରଠାରୁ ସେ ଦଳରେ ବିଶୃଙ୍ଖଳା ସୃଷ୍ଟି କରିଥିଲେ, ଫଳରେ ଦଳୀୟ କର୍ମୀମାନେ ଅସନ୍ତୁଷ୍ଟ ହୋଇ ବିକଳ୍ପ ଚିନ୍ତା କରିଥିଲେ। ଏହି ସମୟରେ ହାଇଟେକ ଗ୍ରୁପର ଅଧ୍ୟକ୍ଷ ଡ.ତିରୁପତି ପାଣିଗ୍ରାହୀ ଦଳୀୟ ପ୍ରାର୍ଥୀ ହେବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ। ତେଣୁ ଦୁହିଁଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା। ତେଣୁ ୨୦୧୯ ସାଧାରଣ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିବେ ନାହିଁ ଏବଂ ଟିକଟ ତିରୁପତି ପାଣିଗ୍ରାହୀଙ୍କୁ ଛାଡିଦେବେ ବୋଲି କହିଥିଲେ। କିନ୍ତୁ ପରବର୍ତ୍ତି ସମୟରେ ପୁଣିଥରେ ବିଧାୟକ ଭାବେ ପ୍ରତିଦ୍ୱନ୍ଦିତା କରିଥିଲେ। ନିର୍ବାଚନରେ ପରାଜିତ ହେବାର କିଛି ଦିନ ପରେ କଂଗ୍ରେସରୁ ଇସ୍ତଫା ଦେଇ ରାଜନୀତିରୁ ସନ୍ନାସ ନେଇଥିବା ଏକ ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରିଥିଲେ। ଏବେ ପୁଣି ଏକ ରାଜନୈତିକ ଦଳରେ ଯୋଗଦେବା ତାଙ୍କ କଥା ଆଉ କାମରେ କେତେ ସଚ୍ଚୋଟ ତାହା ପ୍ରମାଣିତ କରିଛି।

ଅପରପକ୍ଷରେ ତିରୁପତି ପାଣିଗ୍ରାହୀ ସ୍ୱାଧୀନ ଭାବେ ପ୍ରତିଦ୍ୱନ୍ଦିତା କରିଥିଲେ, ଯାହାର ଫଳସ୍ୱରୂପ କଂଗ୍ରେସକୁ ପରାଜିତ ହେବାକୁ ପଡିଥିଲା। ତେଣୁ ଉଭୟ ନେତା କଂଗ୍ରେସକୁ ଧ୍ୱଂସ କରିବା ପାଇଁ ହିଁ ବିଜେଡିର ଏଜେଣ୍ଟ ହୋଇ ଏସବୁ ନାଟକ କରୁଥିଲେ ବୋଲି ଆମେ ସନ୍ଦେହ କରୁଛୁ। ଯାହାର ପୁରସ୍କାର ସ୍ୱରୂପ ଏବେ ବିଜେଡି ତାଙ୍କୁ କୋଳେଇ ନେଇଛି। କଂଗ୍ରେସକୁ ଧ୍ୱଂସ କରିଦେବା ପରେ ଏବେ ବିଜେଡିକୁ ଧ୍ୱଂସ କରିବେ ନାହିଁ ତ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ନଗର ସଭାପତି ବସନ୍ତ କୁମାର ପଣ୍ଡା ପ୍ରଶ୍ନ କରିଛନ୍ତି।

# ମୌଳିକ ସୁବିଧାରୁ ବଞ୍ଚିତ ମାରାଣ୍ଡି ଗ୍ରାମବାସୀ

ପାରଳାଖେମୁଣ୍ଡି, ୩୧।୩ (ଗିରିଧାରୀ ପରିଛା)



ସ୍ତ୍ରୀଲୋକମାନେ ଚୁଆରୁ ପାଣି ସଂଗ୍ରହ କରି ନେଉଛନ୍ତି।

ଗଜପତି ଜିଲା ଗୁମ୍ମା ବ୍ଲକ ଅନ୍ତର୍ଗତ ତୁମ୍ବାଣ ପଞ୍ଚାୟତ ଅନ୍ତର୍ଗତ ମାରାଣ୍ଡି ଗ୍ରାମବାସୀ ଆଜି ମଧ୍ୟ ମୌଳିକ ସୁବିଧାରୁ ବଞ୍ଚିତ। ସରକାରୀ ଯୋଜନା ଏହି ଦୁର୍ଗମ ଅପହଞ୍ଚ ଗ୍ରାମବାସୀଙ୍କ ପାଇଁ ସାତ ସପନ। ଗ୍ରାମକୁ ଯିବାକୁ ରାସ୍ତା ନାହିଁ, ଘଞ୍ଚ ଜଙ୍ଗଲ ଭରା ଖାଲ ଖମା ରାସ୍ତା। ଗ୍ରାମରେ ୨୦୦ରୁ ଊର୍ଦ୍ଧ୍ୱ ପରିବାର ରହୁଛନ୍ତି। ଏହି ଗ୍ରାମରେ ସରକାରଙ୍କ କୌଣସି ଯୋଜନା ପହଞ୍ଚି ପାରୁନାହିଁ। ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି ଯେ, ଏଠାରେ ରାସ୍ତା ଖଣ୍ଡେ ନାହିଁ। ଛାତ୍ରୀଛାତ୍ର ମଧ୍ୟ ସ୍କୁଲ ଯିବାକୁ ଅସୁବିଧା ଅନୁଭବ କରୁଛନ୍ତି। ଏଠାରେ ପିଇବା ପାଣି ନାହିଁ। ଯେଉଁ ନଳକୂପ ରହିଛି ତାହା କାମ କରୁନାହିଁ। ନିର୍ବାଚନ ପୂର୍ବରୁ ନେତା ମନ୍ତ୍ରୀ ଆସି ଲୋକଙ୍କୁ ଭୁଆଁ ବୁଲାଇ ସବୁ ସମସ୍ୟାର ସମାଧାନ ହୋଇଯିବ ବୋଲି ମିଛ ପ୍ରତିଶ୍ରୁତି ଦେବା ସହ ନିର୍ବାଚନ ପରେ ସେମାନଙ୍କ ଆଉ ଦେଖା ମିଳୁନାହିଁ ବୋଲି ଗ୍ରାମର ମିକଲ ଦଳବେହେରା, ବିନତି ଗମାଙ୍ଗ, ଅନିଲ କାର୍ଜି, ମାନୁଏଲ ଗମାଙ୍ଗ ପ୍ରମୁଖ କହିଛନ୍ତି। ଚଳିତ ନିର୍ବାଚନ ପୂର୍ବରୁ ଯଦି ଏହାର ସମାଧାନ ନହୁଏ ତାହାହେଲେ ନେତାଙ୍କୁ ଗ୍ରାମରେ ପୂରାଇ ଦେବୁନାହିଁ ବୋଲି ଗ୍ରାମବାସୀ କହିଛନ୍ତି। ଖରା ଦିନରେ ଗ୍ରାମରେ ଥିବା କୂପଗୁଡିକ ମଧ୍ୟ ଶୁଖି ଯାଇଥିବା କହିଛନ୍ତି ଗ୍ରାମବାସୀ। ବସୁଧା ଯୋଜନାରେ ଘରେ ଘରେ ଜଳ ଯୋଜନା ଅପହଞ୍ଚ ଥିବା ଯୋଗୁଁ ଲୋକେ ନିଜ ନିଜ ଟଙ୍କା ଖର୍ଚ୍ଚ କରି ପାଣିଟାଙ୍କି ନିର୍ମାଣ କରିଛନ୍ତି। ମାତ୍ର ସେହି ପାଣିଟାଙ୍କି ସମସ୍ତଙ୍କ ଘରେ ନାହିଁ। ଗ୍ରାମରେ ଦୁଇଟି କୂଅ ରହିଛି। ମାତ୍ର ତାହା ଗ୍ରୀଷ୍ମ ଆରମ୍ଭରୁ ଶୁଖିଯାଉଛି। ଫଳରେ ସ୍ଥାନୀୟ ଲୋକେ ଚୁଆ ପାଣି ଆଣିବା ପାଇଁ ସେହି ମାଟି ରାସ୍ତାରେ ବହୁ ଦୂର ଯାଇ ପାଣି ଅଣୁଥିବା କହିଛନ୍ତି ଗ୍ରାମବାସୀ। ଆମ୍ବୁଲାନ୍ସ ନ ପହଞ୍ଚିପାରୁ ଥିବାରୁ ଗର୍ଭବତୀ ମହିଳାମାନଙ୍କୁ ଖଟିଆରେ ବୋହି ନେଉଥିବା ଅଭିଯୋଗ କରିଛନ୍ତି। ସ୍ଥାନୀୟ ଲୋକେ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇ ବହୁବାର ଲିଖିତ ଅଭିଯୋଗ କରିଛନ୍ତି। ହେଲେ ପ୍ରଶାସନ କର୍ଣ୍ଣପାତ କରୁନଥିବା ଗ୍ରାମବାସୀ କହିଛନ୍ତି। ତେଣୁ ଚଳିତ ବର୍ଷ ଭୋଟ ଦେବୁନାହିଁ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି। ଏ ନେଇ ସ୍ଥାନୀୟ ସରପଞ୍ଚ ବୟାଜ ଗମାଙ୍ଗ କହିଛନ୍ତି, ଗତ ଦୁଇ ବର୍ଷ ହେଲା ସେ ବ୍ଲକ ପ୍ରଶାସନ ଠାରୁ ଆରମ୍ଭ କରି ଜିଲା ପ୍ରଶାସନ ପର୍ଯ୍ୟନ୍ତ ସମସ୍ତଙ୍କୁ ଜଣାଇଛନ୍ତି, କିନ୍ତୁ କିଛି ବି ସୁଫଳ ମିଳୁନାହିଁ।

# ଆଗକୁ ନାକେଦମ କରିବ ତାତି

**ବ୍ରହ୍ମପୁର,୩୧।୩(ଅଶୋକ କୁମାର ସାହୁ)**




ପଥଚାରୀମାନେ ଛତାଧରି ଆସୁଛନ୍ତି ।



କମାପଲୀ ବଜାରରେ ବେପାରୀମାନେ ଛତା ଧରିଛନ୍ତି।

ଗ୍ରୀଷ୍ମର ପ୍ରକୋପ ଧିରେ ଧିରେ ବଢୁଛି। ରାଜ୍ୟରେ ବିଭିନ୍ନ ସହରର ତାପମାତ୍ରା ଏବେ ୩୫ରୁ ୪୦ ଡିଗ୍ରୀ ମଧ୍ୟରେ ରହୁଛି। ବାୟୁ ମଣ୍ଡଳରେ ଆର୍ଦ୍ରତା ୭୦ ପ୍ରତିଶତ ରହୁଥିବାରୁ ପ୍ରବଳ ଗରମ ଅନୁଭୂତ ହେଉଥିବା ପାଣିପାଗ ବିଭାଗରୁ ସୂଚନା ମିଳୁଛି। ପାଣିପାଗ ବିଭାଗ ପକ୍ଷରୁ ସପ୍ତାହେ ପର୍ଯ୍ୟନ୍ତ ପାଗ ଶୁଖିଲା ରହିବ ବୋଲି କୁହାଯାଉଥିଲେ ବି ଆଗାମୀ ଦିନର ତାପମାତ୍ରା ଆକଳନ କରାଯାଇପାରିନାହିଁ। ତଥାପି ତାତି ନାକେଦମ କରିବ ବୋଲି ପରିବେଶବିତମାନେ ଆଶଙ୍କା କରୁଛନ୍ତି।

ଜଳବାୟୁ ଅସନ୍ତୁଳନ ଯୋଗୁ ମାର୍ଚ୍ଚ ଶେଷ ସପ୍ତାହରୁ ଆରମ୍ଭ ହୋଇଯାଇଛି ତାତି। ବିଶେଷ କରି ଗ୍ରାମାଞ୍ଚଳ ଅପେକ୍ଷା ସହରାଞ୍ଚଳରେ ପ୍ରଖର ତାତି ଅନୁଭୂତ ହେଉଛି। ଏ ସଂକ୍ରାନ୍ତରେ କେତେଜଣ ପରିବେଶବିତ ଓ ପରିବେଶ ବିଜ୍ଞାନୀଙ୍କୁ ଭେଟିଥିଲୁ। ସେମାନେ ତାତି ବଢ଼ିବାର ଅନେକ କାରଣ କହିଛନ୍ତି। ବିଶେଷ କରି ସହରାଞ୍ଚଳରେ ପିଚୁ ରାସ୍ତା ଓ ସାହିଗୁଡିକରେ କଂକ୍ରିଟ କରଣ ବଢ଼ିଛି। ଯାହା ମାଟି ରାସ୍ତା ଥିଲା ତାକୁ ପେଭର ବ୍ଲକରେ ସଜେଇ ଦିଆଯାଉଛି। ପୁରୁଣା ଗଛଗୁଡିକୁ ସୌନ୍ଦର୍ଯ୍ୟକରଣ ଆଳରେ କାଟି ଦିଆଯାଉଛି। ଚାରିଆଡେ କେବଳ କୋଠାଘର ଶୋଭାପାଉଛି। ତାତିକୁ ସହିବା କ୍ଷମତା କେବଳ ଗଛ ପାଖରେ ଥିବାବେଳେ ତାହାକୁ କାଟି ଦିଆଯାଉଥିବାରୁ ସୂର୍ଯ୍ୟଙ୍କ କିରଣ ସିଧାସଳଖ ରାସ୍ତା କୋଠାବାଡି ଉପରେ ପଡି ପ୍ରତିଫଳିତ ହେଉଛି। ସହରୀକରଣ ଯୋଜନାକୁ କାର୍ଯ୍ୟକାରୀ କଲାବେଳେ ପରିବେଶ ପ୍ରତି ଧ୍ୟାନ ଦିଆଯାଉନାହିଁ। ଗଛ ନ କାଟି କିଭଳି ବିଭିନ୍ନ ନିର୍ମାଣ କାର୍ଯ୍ୟ ହୋଇପାରିବ ସେଥିପ୍ରତି ଧ୍ୟାନ ଯାଉନାହିଁ। ଫଳରେ ଏହା ତାତିକୁ ବଢ଼ାଇବାରେ ସହାୟକ ହେଉଛି। ଆର୍ଦ୍ରତା ବି ଆପେ ଆପେ ବଢ଼ିଯାଉଛି। ଏଥିରୁ ରକ୍ଷା ପାଇବା ପାଇଁ ଲୋକେ ଶୀତତାପ ନିୟନ୍ତ୍ରିତ ଯନ୍ତ୍ର କିମ୍ବା ଫ୍ୟାନ ଭଳି ବୈଦ୍ୟୁତିକ ଯନ୍ତ୍ରର ସହାୟତା ନେଉଥିଲେ ବି ତାହା କେତେକାଂଶରେ କାମ ଦେଉନି। ଅନ୍ୟପକ୍ଷରେ ଖରାର ପ୍ରକୋପରୁ ଅଂଶୁଘାତର ଶିକାର ଆଶଙ୍କାରେ ପ୍ରଶାସନ ପକ୍ଷରୁ ବିଭିନ୍ନ ପ୍ରକାର ସଚେତନତା ସୃଷ୍ଟି କରାଯାଉଛି। ଏଭଳି ସାମୟିକ ପଦକ୍ଷେପ ଜଳବାୟୁ ସନ୍ତୁଳନ ଉପରେ କୌଣସି ପ୍ରଭାବ ପକାଇ ପାରୁନାହିଁ। ତେଣୁ ତାତି କମିବା ପରିବର୍ତ୍ତେ ବଢ଼ିବାରେ ଲାଗୁଛି। ଆଗକୁ ତାତି ଅସହ୍ୟ ହେବ ଏଥିରେ ସନ୍ଦେହ ନାହିଁ ବୋଲି ପରିବେଶବିତ ପ୍ରଫୁଲ୍ଲ ସାମନ୍ତରା ପ୍ରକାଶ କରିଛନ୍ତି। ଏ ସଂକ୍ରାନ୍ତରେ ଭୁବନେଶ୍ୱର ପାଣିପାଗ କେନ୍ଦ୍ରର ବୈଜ୍ଞାନିକ ଉମାଶଙ୍କର ଦାସଙ୍କୁ ପଚାରିବାରେ ସେ କହିଛନ୍ତି ଯେ, ଗଞ୍ଜାମର ତାପମାତ୍ରା ଶନିବାର ଅପରାହ୍ନ ୨ଟା ସୁଦ୍ଧା ୩୭ ଡିଗ୍ରୀ ରହିଛି। କିନ୍ତୁ ଉପକୂଳ ଗୋପାଳପୁରର ତାପମାତ୍ରା ୩୨ ଡିଗ୍ରୀ ଛୁଇଁଛି। ରବିବାରଠାରୁ ୨ ତାରିଖ ପର୍ଯ୍ୟନ୍ତ ଗଞ୍ଜାମର ତାପମାତ୍ରା ୩୮ ଡିଗ୍ରୀ ଓ ଗୋପାଳପୁରର ସର୍ବାଧିକ ତାପମାତ୍ରା ୩୩ ଡିଗ୍ରୀ ରହିବ। ତେବେ ୩ ତାରିଖରେ ଗଞ୍ଜାମର ତାପମାତ୍ରା ୩୯ ଡିଗ୍ରୀ ଛୁଇଁବା ଆକଳନ କରାଯାଇଥିବା ସେ କହିଛନ୍ତି। ଗ୍ରୀଷ୍ମ ମୁକାବିଲା ସଂକ୍ରାନ୍ତରେ କ'ଣ ପଦକ୍ଷେପ ନିଆଯାଇଛି ବୋଲି ଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଏସଆରସିଙ୍କ ଯାହା ନିୟମାବଳୀ ରହିଛି ସେହି ଅନୁସାରେ କାର୍ଯ୍ୟ କରାଯାଉଛି। ବିଭିନ୍ନ ଅଞ୍ଚଳରେ ସଚେତନତା ଜାରି ରହିଛି। ଲୋକେ ଗ୍ରୀଷ୍ମର ପ୍ରକୋପରୁ ମୁକ୍ତି ପାଇଁ ଅଧିକ ଖରାରେ ଘରୁ ନ ବାହାରିବାକୁ ପରାମର୍ଶ ଦିଆଯାଉଛି। ସହରଗୁଡିକର ବିଭିନ୍ନ ସ୍ଥାନରେ ଜଳଛତ୍ର ବି ଖୋଲାଯାଇଛି। ଜଳାଭାବ ଅଞ୍ଚଳରେ ଜଳର ବି ବ୍ୟବସ୍ଥା କରାଯାଇଛି। ଅଂଶୁଘାତ ଚିକିତ୍ସା ପାଇଁ ବିଭିନ୍ନ ହସ୍ପିଟାଲରେ ବ୍ୟବସ୍ଥା କରାଯାଇଛି।

## ଚେସ୍ ପ୍ରତିଯୋଗିତା ଉଦ୍‌ଯାପିତ



ଅତିଥିଙ୍କ ଗହଣରେ ପ୍ରତିଯୋଗୀ।

**ବ୍ରହ୍ମପୁର,୩୧।୩(ତନୁଶ୍ରୀ ନାହାକ)**

ଗଞ୍ଜାମ ଜିଲା ଚେସ୍ ଆସୋସିଏଶନ ଓ ସେଣ୍ଟର ଫର ଚେସ୍ କୋଚିଂର ମିଳିତ ଆନୁକୂଲ୍ୟରେ ତୁଳସୀ ନଗର ଭୈରବୀ କଲ୍ୟାଣ ମଣ୍ଡପ ଠାରେ ଚାଲିଥିବା ୨ ଦିନିଆ ଓପନ ଚେସ ଚାମ୍ପିୟନସିପ ରବିବାର ଉଦଯାପିତ ହୋଇଛି। ଏଥିରେ ଗଞ୍ଜାମ ଓ ଗଜପତି ଜିଲାର ୪୮ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ଗଞ୍ଜାମ ଜିଲାର ବିନାୟକ ରଥ ଚାମ୍ପିୟନ ହୋଇଥିବା ବେଳେ ଏସ. ଶ୍ରୀନିବାସ ରାଓ ଦ୍ୱିତୀୟ ଓ ଗଜପତି ଜିଲାର ବୀରେନ୍ଦ୍ର ରଇତ ତୃତୀୟ ସ୍ଥାନ ଅଧିକାର କରିଥଲେ। ବିନାୟକଙ୍କୁ ୬୦୦୦ ଟଙ୍କା ଅର୍ଥରାଶି ସହ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। କନିଷ୍ଠ ୯ ବର୍ଷରୁ କମ ବର୍ଗରେ ଶିବମ ସାବତ ପ୍ରଥମ, ପି.ରାଜଭିକା ଦ୍ୱିତୀୟ, ୧୧ ବର୍ଷରୁ କମ ବର୍ଗରେ ଆଶୁତୋଷ ପାଢୀ ପ୍ରଥମ ଓ ସଙ୍ଗୀତା ସାହୁ ଦ୍ୱିତୀୟ, ୧୩ ବର୍ଷରୁ କମ ବର୍ଗରେ ବୟୋସୋବା ଦାସ ଓ ଅନୁଶ୍ରୀ ପାଢ଼ୀ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ବି.କାଳିନ୍ଦି ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଆସୋସିଏଶନର ନିର୍ଦ୍ଦେଶକ ବିଷ୍ଣୁପ୍ରସାଦ ପୁରୋହିତ, ସମ୍ପାଦକ କେ.କେ. ଶର୍ମା, ଲାଲ ଭାଇ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ରେଲଧାରଣାରୁ ଯୁବକଙ୍କ ମୃତଦେହ ଜବତ

**ବ୍ରହ୍ମପୁର,୩୧।୩(ସୁବାସ ଚନ୍ଦ୍ର ପାଢ଼ୀ)**

ସରକାରୀ ରେଳବାଇ ପୋଲିସ (ଜିଆରପି) ରବିବାର ଗୋସାଣିନୂଆଗାଁ ଉତ୍ତରେଶ୍ୱର ମନ୍ଦିର ନିକଟ ଦେଇ ଯାଇଥିବା ରେଲଧାରଣାରୁ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ସେ ହେଲେ ସଦର ଥାନା ଅନ୍ତର୍ଗତ ଲାଞ୍ଜିଆ ଗ୍ରାମର ଅନନ୍ତ ପାତ୍ର(୪୦)। ତାଙ୍କ ଭାଇ ମୃତଦେହ ଚିହ୍ନଟ କରିଥିଲେ ବି ନେବାକୁ ରାଜି ହୋଇ ନ ଥିଲେ। ସୋମବାର ପରିବାର ଲୋକଙ୍କୁ ବୁଝାଶୁଝା ପରେ ମୃତଦେହ ହସ୍ତାନ୍ତର କରାଯିବ ବୋଲି ପୋଲିସ କହିଛି। ଏ ସଂକ୍ରାନ୍ତରେ ନଂ.୨୪/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପ୍ରାଥମିକ ତଦନ୍ତରୁ ଅନନ୍ତ ରେଲଧାରଣାରେ ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି। ବ୍ୟବଚ୍ଛେଦ ପରେ ମୃତଦେହକୁ ସଂରକ୍ଷଣ ଗୃହରେ ରହିଛି।

### ୧୪ ବାଇକ୍ ସହ ପିକ୍‌ଅପ୍ ଭ୍ୟାନ ଜବତ

**ଛତ୍ରପୁର, ୩୧।୩ (ଦିଲ୍ଲୀପ ସାମଲ)**

ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ଗଞ୍ଜାମ ଏସ୍‌ପି ଜଗମୋହନ ମୀନାଙ୍କ ନିର୍ଦ୍ଦେଶରେ ଶନିବାର ରାତିରେ ନରେନ୍ଦ୍ରପୁର ମୁଖ୍ୟ ରାସ୍ତାରେ ଚମାଖଣ୍ଡି ପୋଲିସ ପକ୍ଷରୁ ଗାଡ଼ି ଯାଞ୍ଚ କରାଯାଇଥିଲା। ବେଆଇନ ଭାବେ ୩ଜଣ ବସି ଯିବା, ମଦ୍ୟପାନ କରି ଗାଡ଼ି ଚଳାଇବା ଇତ୍ୟାଦି ଅଭିଯୋଗରେ ୧୪ଟି ବାଇକ ଓ ପିକଅପ ଭ୍ୟାନ୍ ଜବତ କରାଯାଇଥିଲା। ଏହି ଯାଞ୍ଚ ବେଳେ ପ୍ରବେଶନାରୀ ଆଇପିଏସ ଅଧିକାରିଣୀ ଏ.ଶିଲ୍ପା, ଚମାଖଣ୍ଡିଥାନା ଅଧିକାରୀ ଦୀପିକା ଦେବୀ ରାୟ ଓ ଜଗନ୍ନାଥପୁର ବିଟ ହାଉସ ଅଧିକାରୀ ଏଏସଆଇ ଅରୁଣ କୁମାର ରାଉତ ଓ ପୋଲିସ ଟିମ ଉପସ୍ଥିତ ଥିଲେ।




ଓଡ଼ିଶା ଦିବସ ପରିପ୍ରେକ୍ଷୀରେ ବ୍ରହ୍ମପୁରର ବାଲୁକା ଶିଳ୍ପୀ ସତ୍ୟ ନାରାୟଣ ମହାରଣା ନୂଆ, ପୁରୁଣା ମୁଦ୍ରା ଓ ବିଦେଶୀ ମୁଦ୍ରାରେ ଓଡିଶା ମାନଚିତ୍ର ନିର୍ମାଣ କରିଛନ୍ତି।

## ବାଳ ସୁଧାର ଗୃହକୁ ଗଲେ ୨, ଜଣେ ଗିରଫ

**ବ୍ରହ୍ମପୁର,୩୧।୩ (ସୁବାସ ଚନ୍ଦ୍ର ପାଢ଼ୀ)**

### ଦୁଇ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା

ବିଜିପୁର ୱାର୍ଡ ଅଫିସ ନିକଟରେ ଗତ ଶୁକ୍ରବାର ରାତିରେ ୨ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରିବା ଘଟଣାରେ ଟାଉନ ଥାନା ପୋଲିସ ୩ ଜଣଙ୍କୁ ଧରିଛି। ସେମାନଙ୍କ ମଧ୍ୟରେ ଥିବା ଦୁଇ ନାବାଳକଙ୍କୁ ପୋଲିସ ଜୁଭେନାଇଲ ଜଷ୍ଟିସ ବୋର୍ଡ଼ରେ ହାଜର କରିଛି। ଅନ୍ୟ ଅଭିଯୁକ୍ତ ଶୁଭମ ଲେଙ୍କା (୧୯)ଙ୍କୁ ଗିରଫ ପରେ ରବିବାର କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କ ନିକଟରୁ ଘଟଣା ବେଳେ ବ୍ୟବହୃତ ମାରଣାସ୍ତ୍ର ଜବତ ହୋଇଛି। ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ପୋଲିସ କହିଛି। ଗତ ୨୯ ତାରିଖ ରାତିରେ ଟାଉନ ଥାନା ବିଜିପୁରର କାର୍ତ୍ତିକ ରାଓ ଏବଂ ସିଦ୍ଧାର୍ଥ କୁମାର ଦାସ ବିଜିପୁର ୱାର୍ଡ ଅଫିସ ନିକଟରେ ଛିଡା ହୋଇଥିଲେ। ୭ରୁ ୮ଟି ବାଇକରେ ୧୫ରୁ ଉର୍ଦ୍ଧ୍ୱ ଯୁବକ ସେଠାରେ ପହଞ୍ଚି ଆତଙ୍କ ଖେଳାଇବ ସହ କାର୍ତ୍ତିକ ଓ ସିଦ୍ଧାର୍ଥଙ୍କୁ ଖଣ୍ଡାରେ ଅତର୍କିତ ଆକ୍ରମଣ କରିଥିଲେ । ସ୍ଥାନୀୟ ଲୋକେ ସିଦ୍ଧାର୍ଥ ଓ କାର୍ତ୍ତିକଙ୍କୁ ଗୁରୁତର ଅବସ୍ଥାରେ ସିଟି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଟାଉନ ଥାନା ପୋଲିସ ପହଞ୍ଚି ଆହତଙ୍କ ବୟାନ ରେକର୍ଡ କରିଥିଲା। ତେବେ କେଉଁ କାରଣରୁ ଆକ୍ରମଣ ହୋଇଛି ତାହା ଜାଣିବା ପାଇଁ ପୋଲିସ ଏବେ ବିଭିନ୍ନ ଦିଗରୁ ତଦନ୍ତ କରୁଛି।

## ଅଭିନନ୍ଦନ ଓ ଅଭିଜ୍ଞାନ ପୁସ୍ତକ ଲୋକାର୍ପିତ

**ବ୍ରହ୍ମପୁର,୩୧।୩(ସ୍ମୃତି ରଞ୍ଜନ ମହାଲିକ)**

ଉତ୍କଳ ଆଶ୍ରମ ସଭା ଗୃହ ପରିସରରେ ରବିବାର ଡ. ରମେଶ ଚନ୍ଦ୍ର ପ୍ରଧାନ ଅଭିନନ୍ଦନ ସମିତି ଆନୁକୁଲ୍ୟରେ ଷଷ୍ଟି ପୂର୍ତ୍ତି ଅଭିନନ୍ଦନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି ଡ. ସିଦ୍ଧାର୍ଥ ଶଙ୍କର ପାଢୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ଆଞ୍ଚଳିକ ଉଚ୍ଚ ଶିକ୍ଷା ନିର୍ଦ୍ଦେଶକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ମୁଖ୍ୟ ଅତିଥି, ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ସୁଶାନ୍ତ ଦାସ, ମହାମାୟୀ ମହିଳା ମହାବିଦ୍ୟାଳୟର ଅଧକ୍ଷା ଡ. କବିତା ଶତପଥୀ ପ୍ରମୁଖ ସମ୍ମାନନୀୟ ଅତିଥି ରୂପେ ଯୋଗ ଦେଇଥିଲେ। ପରୋପକାରିତା, ସେବା ପରାୟଣତା ଓ ନିର୍ଭିକତା ଓଡିଆ ଭାଷା ଏବଂ ସାହିତ୍ୟର ପ୍ରାଧ୍ୟାପକ ଡ ପ୍ରଧାନଙ୍କ ଜୀବନକୁ ସ୍ୱତନ୍ତ୍ର କରି ଗଢି ତୋଳିଛି। ଜଣେ ଶୃଙ୍ଖଳାପ୍ରିୟ ଓ ଛାତ୍ରବତ୍ସଳ ଅଧ୍ୟାପକ ରୂପେ ଡ. ପ୍ରଧାନଙ୍କ ଏକ ଭିନ୍ନ ପରିଚୟ ରହିଛି। ସେ ୩ ମହାବିଦ୍ୟାଳୟରେ ୩ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଅଧ୍ୟାପନା ସହ ଶିକ୍ଷା ପ୍ରଶାସନ, ଶିକ୍ଷକ ସଂଗଠନରେ ବିଶେଷ ଅଭିଜ୍ଞତା ସମ୍ପର୍କରେ ଅତିଥିମାନେ କହିଥିଲେ। ଏହି ଅବସରରେ ଡ. ପ୍ରଧାନଙ୍କୁ ସମ୍ବର୍ଦ୍ଧିତ ଯାଇଥିଲା। ଅଭିନନ୍ଦନ ପୁସ୍ତକର ମୁଖ୍ୟ ସଂପାଦକ ଡ କୁଳମଣି ଓଝା କାର୍ଯ୍ୟକ୍ରମରେ ସଂଯୋଜନା କରିବା ସହ ଡ. ପ୍ରଧାନଙ୍କ ଜୀବନର ଇତିବୃତ୍ତି ବର୍ଣ୍ଣନା କରିଥିଲେ। ଏଥିସହ ଅଭିନନ୍ଦନ ପୁସ୍ତକର ସଂପାଦକ ମଣ୍ଡଳୀ ସଦସ୍ୟ ଡ. ଅଶୋକ କୁମାର ପଣ୍ଡା ପ୍ରଶସ୍ତି ପତ୍ର ପାଠ କରିଥିଲେ। ସମିତି ପକ୍ଷରୁ ପ୍ରକାଶିତ ଷଷ୍ଟି ପୂର୍ତ୍ତି ଅଭିଜ୍ଞାନ ଅତିଥିଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ସଂପାଦନା ମଣ୍ଡଳୀ ସଦସ୍ୟ ଡ. ସଞ୍ଜୟ କୁମାର ପଣ୍ଡା ଅଭିନନ୍ଦନ ପୁସ୍ତକ ସଂପର୍କରେ ସମ୍ୟକ ସୂଚନା ଦେଇଥିଲେ। ଡ. ବନମାଳୀ ପାଣିଗ୍ରାହୀ, ଡ. ରାଧାଚରଣ ସାହୁ, ଡ. କୃଷ୍ଣ ପ୍ରସାଦ ମହାପାତ୍ର, ଡ. ସୁଶାନ୍ତ ଜେନା ଓ ଡ. ପୁଷ୍ପଲତା ସାହୁ ଉପସ୍ଥିତ ଥିଲେ।

## ଚିକିତ୍ସା ଭତ୍ତା ଦାବି କଲେ ଅବସରପ୍ରାପ୍ତ କର୍ମଚାରୀ

**ବ୍ରହ୍ମପୁର,୩୧।୧ (ସ୍ମୃତି ରଞ୍ଜନ ମହାଲିକ)**

ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ସଂଘ ଗଞ୍ଜାମ ଜିଲା ଶାଖା ପକ୍ଷରୁ ରବିବାର ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲରେ ୩ୟ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସଂଘର ଜିଲା ସଭାପତି ଡି. ମୋହନ ରାଓଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରାଜ୍ୟ ଅବସରପ୍ରାପ୍ତ ମହାସଂଘର ମହାସଚିବ ଗୋକୁଳି ଚନ୍ଦ୍ର ବେହେରା ମୁଖ୍ୟବକ୍ତା ଓ ଅବସରପ୍ରାପ୍ତ ଯୁଗ୍ମ ନିର୍ଦ୍ଦେଶକ ଡ. ଶଙ୍କର୍ଷଣ ପାତ୍ର ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ। ରାଜ୍ୟ ଓ କେନ୍ଦ୍ର ସରକାର ପେନ୍‌ସନର୍ସଙ୍କ ନୂଆ ପେନ୍‌ସନକୁ ବାତିଲ କରି ପୁରୁଣା ପେନସନ ଲାଗୁ, କରୋନା ସମୟର ୧୮ ମାସର ମହଙ୍ଗା ଭତ୍ତା ପ୍ରଦାନ, ରେଳ ଯାତ୍ରାରେ ବରିଷ୍ଠ ନାଗରିକଙ୍କୁ ୪୦% ରିହାତିକୁ ପୁନଃ ପ୍ରଚଳନ ଓ ପେନସନର୍ସଙ୍କୁ ଚିକିତ୍ସା ଭତ୍ତା ଏବଂ ଚିକିତ୍ସା ବୀମା ଯୋଗାଇବାରେ ଅବହେଳା କରୁଥିବା ଅତିଥିମାନେ କହିଥିଲେ। ଚକ୍ଷୁଦାନ ଭଳି ମହତ କାର୍ଯ୍ୟ ଓ ପ୍ଲାଷ୍ଟିକ ବର୍ଜନ କରି ପ୍ରଦୂଷଣ ନ ହେବା ଭଳି ବ୍ୟାଗ ବ୍ୟବହାର ଓ ସବୁଜିମା ସୃଷ୍ଟି କରି ଜଳବାୟୁକୁ ସନ୍ତୁଳନ କରିବାକୁ ପରାମର୍ଶ ଦେଇଥିଲେ। ସଂପାଦକ ନୀଳାଞ୍ଚଳ ମିଶ୍ର ସଂପାଦକୀୟ ପାଠ କରିଥିଲେ। କୋଷାଧ୍ୟକ୍ଷ ନିରାକର ସାବତ ଆୟବ୍ୟୟ ହିସାବ ଉପସ୍ଥାପନ କରିଥିଲେ। ଏହି ଅବସରରେ ବୟୋଜ୍ୟେଷ୍ଠ ସଭ୍ୟଙ୍କୁ ଗଛଚାରା ଦେଇ ସମ୍ମାନିତ କରାଯାଇଥିଲା। ଅଶ୍ୱିନୀ କୁମାର ପାଢି, ନବୀନ ଚନ୍ଦ୍ର ଜେନା, ବାନାମ୍ବର ପୋଲାଇ, ଏମ. ନରସିଂହା, ଶଙ୍କର୍ଷଣ ପାତ୍ର, ବସନ୍ତ କୁମାର ପାତ୍ର, ସନ୍ତୋଷ କୁମାର ସାହୁ ଓ ପ୍ରଦୀପ କୁମାର ଦାସ ପ୍ରମୁଖ ସହଯୋଗ କରିଥିଲେ। ସଂଘର ପୂର୍ବତନ ସଭାପତି କେ. ନନ୍ଦେଷୁ ସେନାପତି ଧନ୍ୟବାଦ ଦେଇଥିଲେ।

## ଜିଲାସ୍ତରୀୟ କନିଷ୍ଠ ଭାରୋତ୍ତୋଳନ ପ୍ରତିଯୋଗିତା



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

**ବ୍ରହ୍ମପୁର,୩୧।୩(ତନୁଶ୍ରୀ ନାହାକ)**

ସବ ଅଲମ୍ପିକ ଆସୋସିଏଶନ ପକ୍ଷରୁ ରବିବାର ବ୍ରହ୍ମପୁର ଷ୍ଟାଡିୟମଠାରେ ଜିଲାସ୍ତରୀୟ ୧୪ ବର୍ଷରୁ କମ ବିଦ୍ୟାଳୟସ୍ତରୀୟ ଭାରୋତ୍ତୋଳନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଆସୋସିଏଶନର ସାଧାରଣ ସମ୍ପାଦକ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ୨୪ ବାଳକ ଓ ୩୮ ବାଳିକା ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ । ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଗୋପାଳ ଦାସ , କେ. ରବି କୁମାର, ନାରାୟଣ ସାହୁ, ରମେଶ ଚନ୍ଦ୍ର ପାଢ଼ୀ, ଗାଗାରିନ ନାୟକ ପ୍ରମୁଖ ଅତିଥି ରୁପେ ଉପସ୍ଥିତ ଥିଲେ।

## ଭାରତୀୟ ଜ୍ଞାନ ଓ ଦର୍ଶନ ଶୀର୍ଷକ ବକ୍ତୃତା କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଙ୍କ ସହ ଅନ୍ୟମାନେ।

**ବ୍ରହ୍ମପୁର,୩୧।୩(ତନୁଶ୍ରୀ ନାହକ)**

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଗୃହ ବିଜ୍ଞାନ, ଓଡ଼ିଆ ବିଭାଗ ଓ ସମାଜ ବିଜ୍ଞାନ ବିଭାଗ ମିଳିତ ଆନୁକୁଲ୍ୟରେ ଭାରତୀୟ ଜ୍ଞାନ ଓ ଦର୍ଶନ ଶୀର୍ଷକ ସ୍ୱତନ୍ତ୍ର ବକ୍ତୃତା ଅନୁଷ୍ଠିତ ହୋଇଯାଇଛି। ଡ.ସସ୍ମିତା ବେହେରା ଏହାର ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗର ସହଯୋଗୀ ପ୍ରଫେସର ଉଷାରାଣୀ ରଥ, ମୁଖ୍ୟ ଅତିଥି ପ୍ରଫେସର ରଥ ସନାତନ ଧର୍ମ ଏବଂ ପ୍ରାଚୀନ ବୈଦିକ ଯୁଗର ଅମୂଲ୍ୟ ଶିକ୍ଷା ବ୍ୟବସ୍ଥାର ବ୍ୟାଖ୍ୟା କରିଥିଲେ। ସେ ସମୟରେ ଗୁରୁଙ୍କ ପ୍ରତି ଶିଷ୍ୟଙ୍କ କର୍ତ୍ତବ୍ୟବୋଧ, ସମର୍ପଣ ଭାବ ଥିଲା। ସାମ୍ପ୍ରତିକ ସମାଜରେ ପଥଚ୍ୟୁତ ମୂଲ୍ୟବୋଧକୁ ଫେରାଇ ଆଣିବା ପାଇଁ ପ୍ରାଚୀନ ଶିକ୍ଷା ବ୍ୟବସ୍ଥାର ଆଦର୍ଶ ଓ ପ୍ରେରଣାକୁ ଆପଣେଇବା ଆବଶ୍ୟକ ରହିଛି ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ସଂଯୋଜିକା ଡ. ଦୀପ୍ତିମୟୀ ମିଶ୍ର , ଡ.ଦେବୀ ପ୍ରସାଦ ଶତପଥୀ, ଓଡ଼ିଆ ବିଭାଗର ସହକାରୀ ପ୍ରଫେସର ଡ. ସମୀର ଭୋଇଙ୍କ ସମେତ ସମାଜ ବିଜ୍ଞାନ ଓ ଗୃହ ବିଜ୍ଞାନ ବିଭାଗର ସମସ୍ତ ଅଧ୍ୟାପିକା ଅଧ୍ୟାପକ, ଛାତ୍ରୀଛାତ୍ର ଉପସ୍ଥିତ ରହିଥିଲେ।

## ଯାତ୍ରା ପଡ଼ିଆରେ ୧୬ ଠାକୁରଙ୍କ ମିଳନ

### ପ୍ରସିଦ୍ଧ ପଞ୍ଚୁଦୋଳ ଯାତ୍ରା ଆରମ୍ଭ

**ଗଞ୍ଜାମ,୩୧।୩(ବିଦ୍ୟାଧର ସାହୁ)**



ମେଳଣ ପଡିଆରେ ୧୬ ଠାକୁରଙ୍କ ମିଳନ।

ଗଞ୍ଜାମ ବ୍ଲକ ଅନ୍ତର୍ଗତ ହୁମ୍ମା ହାଟ ପଡିଆ, ବଳରାମ ଏବଂ ଖଣ୍ଡଦେଉଳି ଯାତ୍ରା ପଡିଆରେ ରବିବାର ପଞ୍ଚୁଦୋଳ ଯାତ୍ରା ଆରମ୍ଭ ହୋଇଛି। ସକାଳ ୮ଟାରୁ ସମସ୍ତ ଗ୍ରାମର ଠାକୁର ବିରାଟ ଶୋଭାଯାତ୍ରାରେ ଆସି ପଞ୍ଚୁଦୋଳ ପଡିଆରେ ପହଞ୍ଚିବା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ବିଭିନ୍ନ ଗ୍ରାମର ଠାକୁର ହୁମ୍ମା ନିକଟ ଜାତୀୟ ରାଜପଥରେ ଏକାଠି ହୋଇଥିଲେ। ସେଠାରୁ କ୍ରମାନ୍ୱୟରେ ଯାତ୍ରା ପଡିଆ ଅଭିମୁଖେ ଯାଇଥିଲେ। ଗଡ଼ହୁମ୍ମା ଛକ ନିକଟରେ ହରିହର ଭେଟ ହୋଇଥିଲା। ପରେ ଠାକୁରମାନେ ଯାତ୍ରା ପଡିଆରେ ପହଞ୍ଚିଥିଲେ। ସେହିପରି ଖଣ୍ଡଦେଉଳି ଯାତ୍ରା ପଡିଆକୁ ବିଭିନ୍ନ ଗ୍ରାମର ୧୬ ଠାକୁର ଆସି ପହଞ୍ଚିବା ପରେ ହରିହର ଭେଟ ହୋଇଥିଲା। ଏହି ଉପଲକ୍ଷେ ଦୁଇଟି ରାମାୟଣ ନାଟକ ପରିବେଷଣ ହେଉଅଛି। ଉକ୍ତ ଯାତ୍ରା ୩ ଦିନ ଧରି ଚାଲିବ। ହୁମ୍ମାରେ ସୋମବାର ମହାମିଳନ ପରେ ଯାତ୍ରା ସମାପିତ ହେବା ସହ ପୁଣି ପଟୁଆର ଯୋଗେ ଠାକୁରମାନେ ନିଜ ମନ୍ଦିରକୁ ଫେରିବେ। ଏହି ଯାତ୍ରା ଦେଖିବାକୁ ବହୁ ଲୋକଙ୍କ ଭିଡ଼ ହୋଇଥିଲା। ଯାତ୍ରା କମିଟି ଓ ପୋଲିସ ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇଥିଲା। ଏହି ଯାତ୍ରାକୁ ହୁମ୍ମା ଗ୍ରାମର ବିଭିନ୍ନ ସାହି ସମେତ ବିଭିନ୍ନ ଗ୍ରାମର ମୋଟ ୧୩ ଠାକୁର ଆସିଥିଲେ। ରମ୍ଭା ଥାନା ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯଇଥିଲା।

